ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଜୁନ୍, ୨୦୨୨



## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ଟିକିରି,୨୭।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ସୋରିଷପଦର ଗ୍ରାମରେ ସୋମବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ଲକ ଅନ୍ତର୍ଗତ ସେମିଲିଗୁଡ଼ା ଗ୍ରାମର ଜୟମନ ନାଏକ(୫୦)। ସୂଚନା ଅନୁଯାୟୀ, ଜୟମନ ଛେଳି ପାଇଁ ଗଛରୁ ଡାଳ ସଂଗ୍ରହ କରିବାକୁ ନିକଟସ୍ଥ ସେମିତିଗୁଡ଼ା ଗ୍ରାମକୁ ଯାଇଥିଲେ। ଡାଳ କାଟିବା ସମୟରେ ନିମ୍ବଗଛ ଉପର ଦେଇ ଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଖବର ପାଇ ତାଙ୍କୁ ଉଦ୍ଧାର କରି ଓଷପଡ଼ା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ଜୟମନଙ୍କୁ ମୃତ ଘୋଷଣା କରିଥିଲେ।

### ୧୨ ଫୁଟର ଅହିରାଜ ଉଦ୍ଧାର

ପାତ୍ରପୁର,୨୭।୬(ଡି.ଏନ.ଏ.)- ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନ ନନ୍ଦରାଜପୁର ଗ୍ରାମରେ ରବିବାର ରାତିରେ ୧୨ ଫୁଟ ଲମ୍ବାର ଏକ ଅହିରାଜ ବନ ବିଭାଗ ଉଦ୍ଧାର କରିଛି। ନିକଟରେ ଥିବା ନାଳ ଦେଇ ଅହିରାଜଟି ଗ୍ରାମର ମିଟୁଙ୍କ ଘର ଭିତରକୁ ଆସିଥିବା ବେଳେ ପରିବାର ଲୋକେ ସାପକୁ ଦେଖି ଭୟଭିତ ହୋଇଥିଲେ। ଏ ନେଇ ଗ୍ରାମବାସୀ ସାମନ୍ତିଆପଲ୍ଲୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପହଞ୍ଚି ଅହିରାଜକୁ ଉଦ୍ଧାର କରି ରଶିମାଳ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

### ବାଣ ଭିଡୁଥିବା ବେଳେ ଜଣେ ଗିରଫ

ଛତ୍ରପୁର,୨୭।୬(ଡି.ଏନ.ଏ) ଚମାଖଣ୍ଡି ଥାନା ଅଧିନ ନରେନ୍ଦ୍ରପୁର ଗାଁରେ ବେଆଇନ୍ ଭାବେ ଦୀର୍ଘ ଦିନ ଧରି ବାଣ ଭିଡୁଥିବା ହୋଇଥିଲା । ଏଥିସହ ସେ ରାତି ସମୟରେ ବାଣ ଫୁଟାଉଥିଲେ ଏବଂ ଏନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଏନେଇ ଗାଁବାସୀଙ୍କ ଏତଲାକ୍ରମେ ରବିବାର ରାତିରେ ଚମାଖଣ୍ଡି ପୋଲିସ ଅଚାନକ ଚଢାଉ କରିଥିଲେ । ଅନୀଲ ବାଣ ଭିଡୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିବା ସହ ବାଣ ଏବଂ ଏହାର ପ୍ରସ୍ତୁତ ସାମଗ୍ରୀ ଜବତ କରାଯାଇଥିଲା । ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

### ସିପିଆଇ ଲିବରେଶନ ପକ୍ଷରୁ ବିକ୍ଷୋଭ

ପାରଳାଖେମୁଣ୍ଡି,୨୭।୬(ଡି.ଏନ୍.ଏ.)- ପାରଳାଖେମୁଣ୍ଡିରେ ସିପିଏମ୍ ଲିବେରେଶନ ପକ୍ଷରୁ ସ୍ଥାନୀୟ ସମସ୍ୟା ଓ ଆଦିବାସୀଙ୍କ ଜଙ୍ଗଲ ଜମିପଟ୍ଟା ପ୍ରଦାନ ଆଦି ୨୧ଦଫା ଦାବି ନେଇ ଏକ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି । ଏଥିସହ ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନଙ୍କ ମୁଖ୍ୟ ଦାବି ହେଲା ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାର୍ଷିକ ୨୦୦ଦିନ କାମ ସହ ଦୈନିକ ୬୦୦ ଟଙ୍କା ମଜୁରି ପ୍ରଦାନ କରିବା, ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର କରିବା ଆଦି ଦାବିନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିପିଏମ୍ଏଲ୍ ଲିବରେଶନ, ରାଜ୍ୟ କମିଟି ସଦସ୍ୟ ତିରୁପତି ଗମାଙ୍ଗ ପ୍ରମୁଖଙ୍କ ସମେତ ଜିଲା ନେତୃବୃନ୍ଦ ଉପସ୍ଥିତ ଥିଲେ ।

### ଖେମୁଣ୍ଡି କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ସ୍ତ୍ରୀ ବିୟୋଗ

ଦିଗପହଣ୍ଡି,୨୭।୬(ଡି.ଏନ.ଏ.)-ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜର ପୂର୍ବତନ ଅଧକ୍ଷ ମୁରଲୀଧର ପ୍ରଧାନଙ୍କ ସ୍ତ୍ରୀ ରେଣୁକା ପାତ୍ର (୫୨)ଙ୍କ ପରଲୋକ ଘଟିଛି। ମସ୍ତିଷ୍କ ଘାତ ଯୋଗୁ ସେ କିଛିଦିନ ହେଲା ବ୍ରହ୍ମପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୋମବାର ଭୋରରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ପରଲୋକ ଖବରପାଇ ବହୁସଂଖ୍ୟକ ପୁରାତନ ଛାତ୍ର, ସହକର୍ମୀ ଏବଂ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବୃନ୍ଦ ବ୍ରହ୍ମପୁର ନୀଳାଦ୍ରି ବିହାର ୩ୟ ଲେନ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରି ପବିତ୍ର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ୪୬ କୋଟିରୁ ୨୦ କୋଟି ଟଙ୍କାର ହିସାବ ମିଳୁନି

■ ଗୁଣପୁର ଆଇଟିଡିଏରେ ଆର୍ଥିକ ଅନିୟମିତତା
■ ଅଡିଟ୍ ରିପୋର୍ଟରୁ ସାମ୍ନାକୁ ଆସିଛି ଦୁର୍ନୀତି

ରାୟଗଡ଼ା ଅଫିସ,୨୭।୬

ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଆଳରେ ଆଇଟିଡିଏ (ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା)ରେ ବଡ଼ ଦୁର୍ନୀତି ହୋଇଛି। ରାୟଗଡ଼ା ଜିଲା ଗୁଣପୁର ଆଇଟିଡିଏ ଅଧୀନରେ ୭ ବ୍ଲକରେ ରହିଥିବା ୮୫ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲର ରକ୍ଷଣାବେକ୍ଷଣ ନିମନ୍ତେ ମଞ୍ଜୁର ହୋଇଥିବା ୪୬ କୋଟି ଟଙ୍କା ମଧ୍ୟରୁ ୨୦ କୋଟି ଟଙ୍କାର ହିସାବ ମିଳୁନି। ଅଡିଟ୍ ରିପୋର୍ଟରୁ ଏହା ସାମ୍ନାକୁ ଆସିଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି। ଏଥିସହ ୨୦ କୋଟି ଟଙ୍କା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ଆବାସିକ ବିଦ୍ୟାଳୟ ଗୁଡ଼ିକର ମରାମତି ନାମରେ ସରକାରୀ ଟଙ୍କା ହରିଲୁଟ କରାଯାଇଥିବା ଏମ୍‌ପି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଡିଟ୍ ରିପୋର୍ଟ ସାମ୍ନାକୁ ଆସିବା ପରେ ବିଭଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଆଦିବାସୀ ଅଧ୍ୟୁସିତ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ। ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଉନ୍ନତି ଆଣିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ କଲ୍ୟଣ ବିଭାଗ ମାଧ୍ୟମରେ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ଉକ୍ତ ଟଙ୍କାର ସୁବିନିଯୋଗ ବଦଳରେ ଦୁର୍ନୀତି କରାଯାଉଥିବା ଜଣାପଡ଼ିଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ନିମନ୍ତେ ଜିଲା ଆଦିବାସୀ ମହାସଂଘ ଦାବି କରିଛି। ଆଦିବାସୀ ନେତା ଆପଲସ୍ୱାମୀ କାଡ୍ରାକା ଘଟଣାର ତଦନ୍ତ ଦାବି କରିଛନ୍ତି। ସେହିପରି ୭୫ ତମ ଜିଲା ପରିଷଦ ବୈଠକରେ ଏମ୍‌ପି ଏହି ପ୍ରସଙ୍ଗ ଉଠାଇବା ସହ ସମ୍ପୂର୍ଣ୍ଣ ତଥ୍ୟ ବିଭାଗୀୟ ଅଧିକାରୀଙ୍କୁ ମାଗିଛନ୍ତି। ରାୟଗଡ଼ା ଆଇଟିଡିଏ ଏବଂ ଗୁଣପୁର ଆଇଟିଡିଏ ପକ୍ଷରୁ ଗ୍ରାମାଞ୍ଚଳରେ ଥିବା ଆଦିବାସୀ ବିଦ୍ୟାଳୟ ଗୁଡ଼ିକରେ କୌଣସି ଉନ୍ନତି କରାଯାଉନାହିଁ। କେବଳ ଦୁର୍ନୀତି କରାଯାଉଥିବା ଏମ୍‌ପି ଅଭିଯୋଗ କରିଛନ୍ତି।

# ସ୍ୱାମୀଙ୍କ ସହ ବଚସାରୁ ସ୍ତ୍ରୀଙ୍କ ଆତ୍ମହତ୍ୟା

**ମା' ସ୍ନେହରୁ ବଞ୍ଚିତ ହେଲା ୧୦ ମାସର ଶିଶୁ**

କାଲିମେଳା/ଏମ୍‌ଭି ୭୯, ୨୭।୬(ଡି.ଏନ୍.ଏ.)

ଦାମ୍ପତ୍ୟ କଳହରୁ ମା' ସ୍ନେହରୁ ସବୁଦିନ ପାଇଁ ବଞ୍ଚିତ ହୋଇଛି ୧୦ ମାସର ଶିଶୁ। ସ୍ୱାମୀଙ୍କ ସହ ବଚସାରୁ ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ଅଧୀନ ଭୁବନପଲ୍ଲୀ ଗ୍ରାମରେ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି। ମୃତକ ହେଲେ ଉକ୍ତ ଗାଁର ବିବେକାନନ୍ଦ ସରକାରଙ୍କ ସ୍ତ୍ରୀ ସୁଦେବୀ(୨୩)।

ସୂଚନା ଅନୁଯାୟୀ, ଏମ୍‌ଭି-୯୬ ଗ୍ରାମର ବିବେକାନନ୍ଦଙ୍କୁ ୩ ବର୍ଷ ତଳେ ତେଲରାଇ ପଞ୍ଚାୟତ ଏମ୍‌ଭି-୭୧ ଗ୍ରାମର ସଦାନନ୍ଦ ହାଲ୍‌ଦାରଙ୍କ ଝିଅ ସୁଦେବୀ ବିବାହ କରିଥିଲେ। ୧୦ ମାସ ତଳେ ସୁଦେବୀ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏଥିରେ ଦମ୍ପତିଙ୍କ ସମେତ ପରିବାର ଲୋକେ ଖୁସି ଥିଲେ। ରବିବାର ରାତିରେ କୌଣସି ବିଷୟକୁ ନେଇ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ସକାଳେ ସୁଦେବୀ ଘରେ ଥିବା ୬ଟି ଆଣ୍ଟିବାୟୋଟିକ୍ ବଟିକା ଏବଂ ୧୦ଟି ଗ୍ୟାସ୍ଟ୍ରିକ୍ ବଟିକା ଖାଇ ଦେଇଥିଲେ। ଏହି ସମୟରେ ବିବେକାନନ୍ଦ ଘରେ ନ ଥିବାବେଳେ ପରିବାର ଲୋକେ ତୁରନ୍ତ ସୁଦେବୀଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ବିବେକାନନ୍ଦ କହିଛନ୍ତି। ଏମ୍‌ଭି-୭୯ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ତଦନ୍ତ ଚଳାଇଥିବା ପ୍ରକାଶ କରିଛି।

# ପଣ୍ୟାଗାର ନିଗମ କାର୍ଯ୍ୟାଳୟଠାରେ କଂଗ୍ରେସର ପ୍ରତିବାଦ

■ ଅଗ୍ନିପଥକୁ ବିରୋଧ
■ କାର୍ଯ୍ୟକ୍ରମରେ ଅନେକ ବିଭ୍ରାଟ

ଗୁଣପୁର,୨୭।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଠାରେ କଂଗ୍ରେସ ପକ୍ଷରୁ ଅଗ୍ନିପଥ ଯୋଜନା ବିରୋଧରେ ସୋମବାର ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା କରାଯାଇଥିଲା। କଂଗ୍ରେସ ନେତା ଏବଂ କର୍ମକର୍ତ୍ତା ମାନେ ବାଇପାସ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ପଣ୍ୟାଗାର କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଅଗ୍ନିପଥ ଯୋଜନାକୁ ବିରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ରଘୁ ପାତ୍ରଙ୍କ ସମେତ ଗୁଣପୁର, ପଦ୍ମପୁର, ଗୁଡାରି,ରାମନାଗୁଡ଼ା ଏବଂ ଚନ୍ଦ୍ରପୁର ବ୍ଲକର କଂଗ୍ରେସ ନେତା ଏବଂ କର୍ମୀ ଯୋଗେ ଦେଇଥିଲେ। ଦୀର୍ଘ ଦିନ ପରେ କଂଗ୍ରେସ ପକ୍ଷରୁ ଏପରି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଏଥିରେ ଅନେକ ବିଭ୍ରାଟ ଦେଖିବାକୁ ମିଳିଥିଲା।

ଭାରତ ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇ କେନ୍ଦ୍ର ସରକାରଙ୍କୁ ଚେତାଇ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ହେଲେ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ଠାରେ ଏପରି କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ନାନା ମତ ପ୍ରକାଶ ପାଇଛି। ସେହିପରି ବ୍ୟାନରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଥିଲା। ସେଥିରେ ଜାତୀୟ ଏବଂ ରାଜ୍ୟନେତାଙ୍କ ଫଟୋ ରହିଥିଲା। ପଟାଙ୍ଗୀର ପୂର୍ବତନ ବିଧାୟକ ରମାଚନ୍ଦ୍ର କାଡାମଙ୍କ ଫଟୋ ମଧ୍ୟ ନଜରକୁ ଆସିଥିଲା। ଏପରି ବିଭ୍ରାଟ କାର୍ଯ୍ୟକ୍ରମ ଏବଂ ଖାମଖିଆଲ ମନୋଭାବକୁ ନେଇ ନାନା ପ୍ରଶ୍ନ ଉଠିଛି।



ରାଜ୍ୟ ପଣ୍ୟାଗାର ନିଗମ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ।

### ପୃଥକ୍ ଦୁର୍ଘଟଣାରେ ଯୁବକ ମୃତ, ବୃଦ୍ଧ ଗୁରୁତର

ବ୍ରହ୍ମପୁର ଅଫିସ,୨୭।୬:

ଗତ ସପ୍ତାହ ମଧ୍ୟରେ ସହରରେ ପୃଥକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣଙ୍କ ସ୍ଥାନୀୟ ଅନନ୍ତନଗରର ଗୁରୁଦତ୍ତ ପଣ୍ଡା (୩୨)। ସେହିପରି ଗୁରୁତର ବୃଦ୍ଧ ଜଣଙ୍କ ଗୌତମନଗରର ଭ୍ରମରବର ସାହୁ(୬୭) ବୋଲି ଟ୍ରାଫିକ ପୋଲିସ ସୂଚନା ଦେଇଛି। ପୋଲିସ ନଂ.୨୪/୨୨ ଓ ୨୫/୨୨ ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ଗତ ୧୬ ତାରିଖରେ କମାପଲ୍ଲୀ ଭେଣ୍ଡିଂ ଜୋନ୍ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିବା ଗୁରୁଦତ୍ତଙ୍କର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ରବିବାର ମୃତ୍ୟୁ ଘଟିଛି। ପରିବାର ଲୋକେ ଏନେଇ ଟ୍ରାଫିକ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗୌତମନଗରରେ ରହୁଥିବା ଭ୍ରମରବର ସାହୁ ରବିବାର ସନ୍ଧ୍ୟାରେ କୌଣସି କାମରେ ରେଞ୍ଜୀ ଗ୍ୟାରେଜ ଛକ ରାସ୍ତାଦେଇ ଯାଉଥିବା ବେଳେ ତାଙ୍କୁ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତ ବୃଦ୍ଧଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଆହତଙ୍କ ପରିବାର ଲୋକେ ଏମ୍‌କେସିଜି ମେଡିକାଲରେ ପହଞ୍ଚିଥିଲେ। ସୋମବାର ଚିକିତ୍ସାଧୀନ ଥିବା ଗୁରୁତର ଆହତଙ୍କ ଭଣଜା କୃଷ୍ଣଚନ୍ଦ୍ର ସାହୁ ଏନେଇ ଟ୍ରାଫିକ ଥାନାରେ ଅଭିଯୋଗ କରିଛନ୍ତି।

# ଟ୍ରକ୍ ଧକ୍କାରେ ଶିକ୍ଷକ ମୃତ




ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏବଂ ବାଇକ୍।

ରାୟଗଡ଼ା ଅଫିସ,୨୭।୬

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁର ନିକଟ ଜିଙ୍ଗିଲିବାଡ଼ି ମୁଖ୍ୟରାସ୍ତାରେ ସୋମବାର ସଡ଼କ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ଜିଲାର ହେମନ୍ତ ବଗର୍ତ୍ତି(୪୫)। ସେ ରାୟଗଡ଼ା ଜିଲା ଥେରୁବାଲି ସ୍ଥିତ ଖେଦାପଡ଼ା ଠାରେ ରହି ଜେକେପୁର ନିକଟସ୍ଥ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ତାଙ୍କ ସ୍ତ୍ରୀ ମଧ୍ୟ ଖେଦାପଡ଼ା ସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି।

ସୂଚନା ଅନୁଯାୟୀ, ହେମନ୍ତ ସକାଳେ ବାଇକ୍(ଓଡି ୦୩ ୯୩୮୯) ଯୋଗେ ସ୍କୁଲ ବାହାରିଥିଲେ। ଜିଙ୍ଗିଲିବାଡ଼ି ମୁଖ୍ୟରାସ୍ତାରେ ଏକ ଚାଉଳ ବୋଝେଇ ଟ୍ରକ୍(ଏପି ୩୫ ଭି ୮୯୭୯) ତାଙ୍କୁ ପଛରୁ ଧକ୍କା ଦେଇଥିଲା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଚାନ୍ଦିଲି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରାଯିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ତଦନ୍ତକାରୀ ଅଧିକାରୀ ରାଜେଶ୍ୱର ଶବର ସୂଚନା ଦେଇଛନ୍ତି।

# ଆଦିବାସୀ ଯୁବତୀ, ଯୁବକଙ୍କୁ କ୍ରୀଡ଼ା ତାଲିମ ଦେବ ବିଏସ୍ଏଫ୍

**ନିଜ ହାତକୁ ନେଲା ସ୍ପୋର୍ଟସ୍ କ୍ଲବ**

କୋରୁକୋଣ୍ଡା,୨୭।୬(ଡି.ଏନ.ଏ.)

କ୍ରୀଡ଼ାର ବିକାଶ ପାଇଁ ମାଲକାନଗିରି ଜିଲାର କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅନ୍ତର୍ଗତ ନାରଙ୍ଗିଝୋଲା ଗ୍ରାମରେ ଆଦିବାସୀ ଯୁବକମାନେ ଏକ କ୍ରୀଡ଼ା କ୍ଲବ ଖୋଲିଛନ୍ତି। ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ମୁଦୁଲି ଏହାର ଉଦ୍‌ଘାଟନ କରିଥିଲେ। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଉକ୍ତ କ୍ରୀଡ଼ା କ୍ଲବଟିକୁ ନାକମାମୁଡି ପଞ୍ଚାୟତରେ ଅବସ୍ଥାପିତ ବିଏସ୍ଏଫ୍ ନିଜ ହାତକୁ ନେଇ ସ୍ଥାନୀୟ ଯୁବତୀ, ଯୁବକଙ୍କୁ କ୍ରୀଡ଼ା ଓ ଅନ୍ୟ କ୍ଷେତ୍ର ପାଇଁ ବିଭିନ୍ନ ତାଲିମ ଦେବାକୁ ନିଷ୍ପତ୍ତି ନେଇଛି। ଜିଲାରେ କ୍ରୀଡ଼ା କ୍ଷେତ୍ରରେ ଯୁବଗୋଷ୍ଠୀ ଅଧିକ ଆଗ୍ରହ ପ୍ରକାଶ କରୁଥିବାରୁ ସେମାନଙ୍କୁ ତାଲିମ ଦେଇ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରସ୍ତୁତ କରାଯିବ ବୋଲି ବିଏସ୍ଏଫ୍ ପକ୍ଷରୁ ଏଠାରେ କୁହାଯାଇଛି। କ୍ଲବ୍ ଉଦ୍‌ଘାଟନ ସମୟରେ ବିଏସ୍ଏଫ୍‌ର ମାଲକାନଗିରି ଡେପୁଟି ଇନ୍ସପେକ୍ଟର ଜେନେରାଲ କମାଣ୍ଡଣ୍ଟ ବିନୋଦ ସରିନ, ୮୮ ବାଟାଲିୟନ ବିଏସ୍ଏଫ୍‌ୟୁନିଟ କର୍ମକର୍ତ୍ତାମାନେ ଯୋଗଦେଇ କ୍ରୀଡ଼ା ଓ ଅଞ୍ଚଳରେ ଥିବା ଯୁବପିଢ଼ୀଙ୍କ ବିକାଶ ପାଇଁ ଏହି ପଦକ୍ଷେପ ବେଶ୍ ସହାୟକ ହେବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ବିଏସ୍ଏଫ୍‌ର ଏଭଳି ପଦକ୍ଷେପ ସ୍ଥାନୀୟ ଅଧିବାସୀଙ୍କ ହୃଦୟ ଓ ମନ ଜିଣିପାରିଛି। ଏଥିପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଏବଂ କ୍ରୀଡ଼ାପ୍ରେମୀ ବିଏସ୍ଏଫ୍‌କୁ ସାଧୁବାଦ ଜଣାଇଛନ୍ତି।




ବିଏସ୍ ଏଫ୍ ଅଧିକାରୀ ଜଣେ ମହିଳାଙ୍କୁ ଛତା ପ୍ରଦାନ କରୁଛନ୍ତି ।

### ରାସ୍ତା କଡରେ ଖାଲ ଯୋଗୁ ଜଣଙ୍କ ଗୋଡ଼ ଭାଙ୍ଗିଲା

ବୁଗୁଡ଼ା,୨୭।୬(ଡି.ଏନ.ଏ.)

ମୁଖ୍ୟ ରାସ୍ତା କଡରେ ଗର୍ତ୍ତ ଯୋଗୁଁ ଦୁର୍ଘଟଣାମାନ ଘଟୁଥିବା ବେଳେ ଏହି ଖାଲରେ ପଡି କଳମ୍ବ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଗୋଡ଼ ଭାଙ୍ଗି ଯାଇଛି। ଜନ ସ୍ୱାସ୍ଥ୍ୟ ବିଭାଗର ଖାମ ଖିଆଲି ନୀତି ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ବୁଗୁଡ଼ା ମୁଖ୍ୟ ସଡ଼କର ଲୋକା ପାତ୍ରଙ୍କ ହୋଟେଲ କଡ଼ରେ ଅରବିନ୍ଦ ନଗରକୁ ଯିବାକୁ ଏକ ଗଳି ରାସ୍ତା ରହିଛି। ଏହି ଗଳି ରାସ୍ତା ମୁହଁରେ ଥିବା ମୁଖ୍ୟ ସଡ଼କରେ ପିଚୁ ରାସ୍ତା ତଳେ ପାଇପ ଲାଇନ ଯାଇଛି ହେଲେ ଉକ୍ତ ସ୍ଥାନରେ ପାଇପ ଫାଟି ପାଣି ଲିକ ହେଉଥିବାରୁ ସେହି ସ୍ଥାନରୁ ପିଚୁ ଉଠି ଏକ ବିରାଟ ଗର୍ତ୍ତ ହୋଇ ଗଲାଣି। ଗାତରେ ପାଣି ଭର୍ତ୍ତି ହୋଇ ରହି ଥିବାରୁ ଖାଲ ଥିବା ନେଇ ସାଧାରଣ ଲୋକେ ଜାଣି ପାରୁନାହାନ୍ତି। ଯାହା ଫଳରେ ଏହି ରାସ୍ତାରେ ଯିବା ଆସିବା ବେଳେ ଲୋକେ ଉକ୍ତ ଖାଲରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କରିବାକୁ ସାଧାରଣରେ ଦାବି ହେଉଛି।

# ୧୨ରେ ଗୁଣପୁର ଗୃହ ନିର୍ମାଣ ସମବାୟ ସମିତି ଲିଃର ସଭାପତି ନିର୍ବାଚନ

ଗୁଣପୁର,୨୭।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଗୃହ ନିର୍ମାଣ ସମବାୟ ସମିତି ଲିଃ ପରିଚାଳନା ସମିତିର ସଭାପତି ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀ ଏ. ଶ୍ରୀନିବାସ ରାଓ ଏ ନେଇ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି।

କାର୍ଯ୍ୟସୂଚୀ ଅନୁଯାୟୀ, ୫ ତାରିଖରେ ନାମାଙ୍କନ ପତ୍ର କ୍ରୟ, ଦାଖଲ, ଯାଞ୍ଚ, ଅଭିଯୋଗ ପତ୍ର ଦାଖଲ, କାଏମ ତାଲିକା ପ୍ରକାଶ, ନାମାଙ୍କନ ପତ୍ର ପ୍ରତ୍ୟାହାର, ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ୧୨ ତାରିଖରେ ସଭାପତି ପଦ ପାଇଁ ପୂର୍ବାହ୍ନ ୧୦ଟାରୁ ୧୨ଟା ମଧ୍ୟରେ ନିର୍ବାଚନ ହେବ। ମତଦାନ ପରେ ଭୋଟ ଗଣତି ଏବଂ ଫଳାଫଳ ଘୋଷଣା ହେବ। ୨୬ରେ ଦୁଇଟି ଜୋନ୍‌ର ନିର୍ବାଚନ ସରିବା ପରେ ୨୭ରେ ସଭାପତି ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୫ଟି ସଭ୍ୟାସଭ୍ୟରୁ ଗୋଟିଏ ଆସନ ଖାଲି ରହିଛି। ୧୪ଟି ସଭ୍ୟାସଭ୍ୟ ମଧ୍ୟରୁ ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଏବଂ ଗୌରି ଦାସ ଗୋଷ୍ଠୀ ଉଭୟେ ନିଜ ନିଜର ୭ଜଣ ଲେଖାଏ ସଭ୍ୟାସଭ୍ୟ ରହିଥିବା ଦାବି କରୁଛନ୍ତି। ସଭାପତି ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବାବେଳେ ନିର୍ବାଚନ ରୋମାଞ୍ଚକର ହେବ ବୋଲି ଅନୁମାନ କରାଯାଉଛି। କିଏ ଏବଂ କେଉଁ ଗୋଷ୍ଠୀର ସଭାପତି ହେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

# ବିକାଶମୂଳକ କାର୍ଯ୍ୟ ଉପରେ ଧ୍ୟାନ ଦିଆଯିବ: ଜିଲାପାଳ

**ମୁନିଗୁଡ଼ା ପ୍ରେସ୍ କ୍ଲବ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା**

ମୁନିଗୁଡ଼ା,୨୭।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେବାପରେ ସୋମବାର ପ୍ରଥମ ଥର ମୁନିଗୁଡ଼ା ଗସ୍ତରେ ଆସି ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମୁନିଗୁଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରେସ୍ କ୍ଲବ ସଭାପତି ରାଜୀବଲୋଚନ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ମନୋରଞ୍ଜନ ଦଳାଇଙ୍କ ସମେତ ଅଞ୍ଚଳର ଖବରଦାତାମାନେ ଉପସ୍ଥିତ ରହି ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସୌଜନ୍ୟମୂଳକ ଆଲୋଚନା ବେଳେ ବ୍ଲକ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଧ୍ୟାନ ଦିଆଯିବ ବୋଲି ଜିଲାପାଳ କହିଥିଲେ।



# ଅଗ୍ନିପଥ ବିରୋଧରେ ରେଳଷ୍ଟେଶନ ସମ୍ମୁଖରେ ସତ୍ୟାଗ୍ରହ

ରାୟଗଡ଼ା ଅଫିସ,୨୭।୬

ରାୟଗଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ଅଗ୍ନିପଥ ଯୋଜନା ବିରୋଧରେ ସୋମବାର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଆନ୍ଦୋଳନ କରାଯାଇଛି। ସ୍ଥାନୀୟ ରେଳଷ୍ଟେଶନ ସମ୍ମୁଖରେ ଜିଲା ଯୁବ କଂଗ୍ରେସ ସଭାପତି ଆସଲାମ ଖାନଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ନଗର କଂଗ୍ରସ କମିଟି ସଭାପତି ମାଝିଶଙ୍କର ରାଓ, ଆପଲା ସ୍ୱାମୀ କାଡ୍ରାକାଙ୍କ ଉପସ୍ଥିତିରେ ଅଗ୍ନିପଥ ଯୋଜନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ସରକାରଙ୍କ ପ୍ରତିଶୋଧ ରାଜନୀତି ଓ କେନ୍ଦ୍ର ପୋଲିସର ବର୍ବରତାର ପ୍ରତିବାଦ କରାଯାଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ରାୟଗଡ଼ା ଆରପିଏଫ୍, ଜିଆର୍‌ପି ଓ ସ୍ଥାନୀୟ ପୋଲିସ ଉପସ୍ଥିତ ରହି ବିକ୍ଷୋଭକାରୀଙ୍କୁ ଷ୍ଟେଶନ ଭିତରକୁ ପଶିବାକୁ ବାରଣ କରିଥିଲେ। ପ୍ରତିରକ୍ଷା ବିଭାଗରେ ଅଗ୍ନିପଥ ନାମରେ ଯୁବକଙ୍କୁ ନିଯୁକ୍ତି ଦେବାର ଭାଜପା ପ୍ରହସନ କରୁଛି ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ପୂର୍ବରୁ ବର୍ଷକୁ ୨କୋଟି ଯୁବକଙ୍କୁ ନିଯୁକ୍ତି, ଭତ୍ତା ପ୍ରଦାନ କରାଯିବାର ପ୍ରତିଶ୍ରୁତି ମୋଦି ସରକାର ଦେଇଛନ୍ତି। ୨ ବର୍ଷ ହେବ ଆର୍ମୀରେ ନିଯୁକ୍ତି ବନ୍ଦ ରହିଛି। ଏହାପରେ ୪୬ ହଜାର ଯୁବକଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବାକୁ ଅଗ୍ନିପଥ ଯୋଜନା କରାଯାଇଛି। ଗୁଳିଖାଇ ଜୀବନ ଦେଇପାରିବେ। କିନ୍ତୁ ଏଭଳି ର୍ୟାଙ୍କ ପଦ ପାଇଁ ୪ ବର୍ଷ ପରେ ୨୫ ପ୍ରତିଶତଙ୍କୁ ନିଯୁକ୍ତି ଦେଇ ବାକି ୭୫ ପ୍ରତିଶତ ଲୋକଙ୍କୁ ବାହାର କରାଯିବା ନୀତି ଦୁର୍ଭାଗ୍ୟଜନକ। ଏହା ଆର୍ମୀକୁ ଦୁର୍ବଳ କରିବାର ପ୍ରୟାସ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଥିସହ ଏହି ଯୋଜନା ପ୍ରତ୍ୟାହାର କରାଯାଉ ବୋଲି ଦାବି ହୋଇଛି।

**ଯୋଜନା ପ୍ରତ୍ୟାହାର ଦାବି କଲା କଂଗ୍ରେସ**




କଂଗ୍ରେସ ନେତା ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଦାମନଯୋଡି, ୨୭।୬(ଡି.ଏନ୍.ଏ.)- ସେମିଲିଗୁଡା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସେମିଲିଗୁଡା ବ୍ଲକ ଅଧିକାରମାନେ ଯୋଗଦେଇ ଅଞ୍ଚଳର ସମସ୍ୟା ବୁଝିଥିଲେ। ପଞ୍ଚାୟତ ଅଫିସର ଶରତ ପଟ୍ଟନାୟକ, ସମିତି ସଭ୍ୟ ସମା ସକିଆ, ଜିଆରଏସ୍, ସରପଞ୍ଚ ତୁଲାମତୀ ପୁଜାରୀ, ନାଏବ ସରପଞ୍ଚ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଜଳ, କୃଷି, ବିଦ୍ୟୁତ, ଯୋଗାଣ, ସିଡିପିଓ, ଏଇଇ ଏବଂ ରାଜସ୍ୱ ପ୍ରମୁଖ ଆଲୋଚନା ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ଆକାଉଣ୍ଟ ଅଫିସର ଅକ୍ଷୟ କୁମାର ମିଶ୍ର ପ୍ରତିନିଧିତ୍ୱ କରିଥିଲେ।

### ଚଳଚ୍ଚିତ୍ର ନିର୍ଦ୍ଦେଶକ ରାମ ଗୋପାଳଙ୍କ ବିରୋଧରେ ଥାନାରେ ଅଭିଯୋଗ



ନବରଙ୍ଗପୁର,୨୭।୬(ବି.ପ୍ର.)- ହିନ୍ଦୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାମ ଗୋପାଲ ବର୍ମା ତାଙ୍କ ଟୁଟ୍‌ଟରେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଉଦେଶ୍ୟ ମୂଳକ ଭାବେ ଏକ ପରିହାସ ପୂର୍ଣ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣିଛି ଭାଜପା। ନିର୍ଦ୍ଦେଶକଙ୍କ ବିରୋଧରେ ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ମୁ ଜଣେ ଆଦିବାସୀ ହୋଇଥିବାରୁ ରାମ ଗୋପାଳଙ୍କ ଏ ପ୍ରକାର ମନ୍ତବ୍ୟରେ ମର୍ମାହତ। ଦ୍ରୌପଦୀ ମୁର୍ମୁ ଜଣେ ଆଦିବାସୀ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ସେ ଏହାକୁ ସହ୍ୟ କରି ପାରିନାହାନ୍ତି। ଆଦିବାସୀଙ୍କୁ ନିମ୍ନ ଚକ୍ଷୁରେ ଦେଖି ଏପରି ବୟାନ ଦେଇଛନ୍ତି। ରାମ ଗୋପାଳଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲାରେ ଦର୍ଶାଇଛନ୍ତି। ଗୌରୀ ମାଝି ଓ ଭାଜପା ଯୁବ ନେତାମାନେ ଥାନାଧିକାରୀ ତାରିକ ଅହମ୍ମଦଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।

# ଶିକ୍ଷକଙ୍କ ଅନୁପସ୍ଥିତିକୁ ଘଣ୍ଟ ଘୋଡ଼ାଉଛନ୍ତି ବିଇଓ

**ସ୍କୁଲ ଖୋଲିବାପରେ ମଧ୍ୟ ଠିକ୍‌ଭାବେ ଶିକ୍ଷକ ଆସୁ ନ ଥିବା ଅଭିଯୋଗ**

- କେତେଜଣ ଶିକ୍ଷକ ଉପସ୍ଥାନ ପକାଇ ବ୍ୟକ୍ତିଗତ କାମରେ ପଳାଉଛନ୍ତି
- ସୀମାନ୍ତ ସ୍କୁଲଗୁଡିକୁ ୩ଟାରୁ ବନ୍ଦ କରାଯାଉଛି

କୋଷାଗୁମୁଡ଼ା,୨୭।୬(ଡି.ଏନ୍.ଏ.)

ବିଦ୍ୟାଳୟ ଖୋଲିଲା ପରେ ସ୍କୁଲରେ ଶିକ୍ଷକଙ୍କ ଦେଖାମିଳୁନାହିଁ। ଶିକ୍ଷକ ଅନୁପସ୍ଥିତ ରହିଲେ ମଧ ରିପୋର୍ଟରେ ଦର୍ଶାଇ ଦିଆଯାଉଛି ଉପସ୍ଥିତ। ଅନୁପସ୍ଥିତିକୁ ନେଇ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଘଣ୍ଟ ଘୋଡାଉଛନ୍ତି ଖୋଦ ଶିକ୍ଷାଧିକାରୀ । ଏଇଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ।

୨ବର୍ଷ ଧରି ମହାମାରୀ କୋରନା ଯୋଗୁ ଭୁଶୁଡି ପଡିଛି ବ୍ଲକର ଶିକ୍ଷା ବ୍ୟବସ୍ଥା। କୋଷାଗୁମୁଡା ବ୍ଲକର ୧୯ଟି କ୍ଲଷ୍ଟରର ୨୮୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଅଧିକାଂଶ ଶିକ୍ଷକ ଗତ ୧୭ରୁ ସ୍କୁଲ ଖୋଲିଲା ପରେ ଠିକ ଭାବେ ଆସୁ ନ ଥିବା ଅଭିଯୋଗ ହୋଇଛି। କେତେଜଣ ଶିକ୍ଷକ ଅଫିସିଆଲ କାମର ଆଳ ଦେଖାଇ ଅନୁପସ୍ଥିତ ରହୁଥିବା ବେଳେ ବିଦ୍ୟାଳୟକୁ ଆସି ଉପସ୍ଥାନରେ ସ୍ୱାକ୍ଷର କରି ନିଜ ନିଜର ବ୍ୟକ୍ତିଗତ କାମରେ ଉଭାନ ପଳାଉଥିବା ଅଭିଯୋଗ ଆସିଛି। ସବୁଠାରୁ ବଡ କଥା ହେଉଛି ସୀମାନ୍ତବର୍ତ୍ତୀ ଅଞ୍ଚଳମାନଙ୍କରେ ଦିନ ୩ରୁ ବିଦ୍ୟାଳୟକୁ ଶିକ୍ଷକମାନେ ବନ୍ଦ କରିଦେଉଛନ୍ତି।

ଅନୁପସ୍ଥିତିକୁ ନେଇ ରିପୋର୍ଟ ପ୍ରଦାନରେ ଏ ସବୁ କିନ୍ତୁ ଦର୍ଶଯାଉନି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସୁଭାଷ ଚନ୍ଦ୍ର ରାୟଙ୍କୁ ଚଳିତ ମାସ ୧୭ ଓ ୧୮ ତାରିଖରେ ବ୍ଲକର କେଉଁ ବିଦ୍ୟାଳୟରେ କେତେ ଜଣ ଅନୁପସ୍ଥିତ ଥିଲେ ପଚାରିବାରୁ କେଉଁ ଶିକ୍ଷକ ଅନୁପସ୍ଥିତ ଅଛନ୍ତି ସେ ସମ୍ପର୍କରେ ଆମେ କୌଣସି ତଥ୍ୟ ଦେଇପାରିବୁ ନାହିଁ ବୋଲି ସେ କହିଥିଲେ। ଏନେଇ ଆର୍‌ଟିଆଇରେ ରିପୋର୍ଟ ପ୍ରଦାନ କରାଯିବ ଏବଂ ଅନୁପସ୍ଥିତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ସାର ଦୋକାନରେ ଯାଞ୍ଚ, କାରଣ ଦର୍ଶାଅ ନୋଟିସ୍



କୃଷି ଅଧିକାରୀ ଯାଞ୍ଚ କରୁଛନ୍ତି।

ପାପଡାହାଣ୍ଡି,୨୭।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ସଦର ମହକୁମାରେ କୃଷି ବିଭାଗ ପକ୍ଷରୁ ସୋମବାର ସାର ଦୋକାନରେ ଯାଞ୍ଚ କରଯାଇଛି। ଦୁଇଟି ସାର ଦୋକାନର କାଗଜପତ୍ର ସଠିକ ନ ଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପାପଡାହାଣ୍ଡି କୃଷି ବିଭାଗ ସହକାରୀ କୃଷି ଅଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଜଟାବାଲରେ ଯାଞ୍ଚ କରାଯାଇଥିଲା। ଜଟାବାଲ ଗ୍ରାମର ମାୟାଧର ମିଶ୍ର ଓ ଏସ୍. ମିଟୁ ପାତ୍ରଙ୍କ ସାର ଦୋକାନ ଯାଞ୍ଚ ସମୟରେ ଖାତା ଅନିମିୟତା ପାଇଁ ଦୁଇ ସାର ଦୋକାନକୁ ନୋଟିସ ଜାରି କରାଯାଇଛି। ୭ ଦିନ ମଧରେ ଏହାର ଜବାବ ରଖି ନ ପାରିଲେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ସୂଚନା ଦେଇଛନ୍ତି। ଏହି ଯାଞ୍ଚ ସମୟରେ କୃଷି ଅଧିଦର୍ଶକ ପ୍ରଫୁଲ୍ଲ କୁମାର ଜୋଏଲ, ଜିତେନ୍ଦ୍ର ଟାକ୍ରୀ, ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ବିଭାଗ ଚଢ଼ାଉ

ଉମରକୋଟ, ୨୭।୬(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଉମରକୋଟ ସହରର ୨, ଧୋଡ୍ରାରେ ଗୋଟିଏ ଓ ଶଙ୍କରଅଡା ଗ୍ରାମର ଗୋଟିଏ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଛି। ଖବର ଲେଖା ହେବାବେଳକୁ ଚଢ଼ାଉ ଜାରି ରହିଛି।

ସୂଚନାନୁଯାୟୀ ଏହି ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ବିକ୍ରିକର ଫାଙ୍କି ଥିବା ଅଭିଯୋଗ ଆଧାର କରି ଏହି ଏହି ଚଢ଼ାଉ କରାଯାଇଛି। ଭବାନୀପାଟଣା ଶାଖା ଡେପୁଟି କମିଶନର ସିଟି ଆଣ୍ଡ ଜିଏସ୍‌ଟି ଏନଫୋରସ୍‌ମେଣ୍ଟ ସମୀର କୁମାର ମାଝିଙ୍କ ନେତୃତ୍ୱରେ ୪ଟି ଟିମ୍ ରେ ୧୬ ଜଣ ଅଫିସର ଓ ଅନ୍ୟ କର୍ମଚାରୀ, ପୋଲିସ ସାମିଲ ହୋଇଛନ୍ତି। ଧୋଡ୍ରା ସ୍ଥିତ ବାଲାଜୀ ଆଲୁମିନିୟମ ଫ୍ୟାକ୍ଟିରିରେ ଭବାନୀପାଟଣାସ୍ଥିତ ବାଣିଜ୍ୟ କର ଓ ଜିଏସ୍‌ଟି ଶାଖା ମୁଖ୍ୟ ପରେଶ୍ୱର ସାହୁ,



ଧୋଡ୍ରାସ୍ଥିତ ବାଲାଜୀ ଆଲୁମିନିୟମ ଫ୍ୟାକ୍ଟିରେ ଯାଞ୍ଚ କରାଯାଉଛି।

ଉମରକୋଟ ବାଲାଜି ମେଟାଲ ବାସନ ସାମଗ୍ରୀ ଦୋକାନରେ ଭବାନୀପାଟଣା ଶାଖା ଡେପୁଟି କମିଶନର ସମୀର କୁମାର ମାଝି, ଶଙ୍କରଡା ଗ୍ରାମରେ ଥିବା ପ୍ରସନ୍ନ ଟ୍ରେଡ଼ର୍ସରେ ଭବାନୀପାଟଣା ଶାଖା ଅତିରିକ୍ତ ଟ୍ୟାକ୍ସ ଅଫିସର ହରେକୃଷ୍ଣ ସାହୁ, ଉମରକୋଟ ଶିଳ୍ପା ଗହଣା ଦୋକାନରେ କଳାହାଣ୍ଡି ଶାଖା ଷ୍ଟେଟ ଟ୍ୟାକ୍ସ ଅଫିସର ନୀଳାଦ୍ରୀ ବିହାରୀ ଦଡ଼ିଆ ତଦନ୍ତ କରିଛନ୍ତି। ସମସ୍ତ ଅଧିକାରୀଙ୍କୁ ତିନି ଜଣ ଲେଖାଏଁ ବାଣିଜ୍ୟ କର ଅଧିକାରୀ ସହାୟତା କରିଛନ୍ତି। ରେଡ୍ ସମୟରେ ଦୋକାନର ସମସ୍ତ ନେଣ ଦେଣ ଖାତା, ବ୍ୟାଙ୍କ ଖାତା ଓ ଦୋକାନ ଘରେ ଥିବା ସମସ୍ତ ଜିନିଷର ହିସାବ କିତାବକୁ ତନତନ ଯାଞ୍ଚ କରାଯାଉଛି। କୋଉ ବ୍ୟବସାୟୀ କେତେ ପରିମାଣର ଜିଏସ୍‌ଟି ଠକେଇ କରିଛନ୍ତି ତାହାର ଆକଳନ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ଡେପୁଟି କମିଶନର ସମୀର କୁମାର ମାଝି।

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ୨ ଦିନ କୋର୍ଟ ବର୍ଜନ ନିଷ୍ପତ୍ତି

ଜୟପୁର,୨୭।୬(ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାଯ୍ୟବନ୍ଦ ନିଷ୍ପତ୍ତି ହୋଇଛି । ଜୟପୁର ସ୍ଥିତ ଜିଲା ଓକିଲ ସଂଘ ନିଷ୍ପତ୍ତି କ୍ରମେ ଜୁଲାଇ ୨୯ ଓ ୩୦ ତାରିଖ ୨ ଦିନ ଓକିଲମାନେ କାଯ୍ୟରେ ଯୋଗ ଦେବେ ନାହିଁ। ଉକ୍ତ ୨ ଦିନ କେବଳ ବିଚାରାଧୀନ କଏଦୀଙ୍କ ଜାମିନି ଶୁଣାଣି ହୋଇପାରିବ। ତା ଛଡା କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରିବ ନାହିଁ। ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟ ଆଇନଜୀବୀମାନେ ଅନୁପସ୍ଥିତ ରହି ଜିଲା କୋର୍ଟରେ ଧାରଣା ରେ ବସିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ସଂଘ ହଲରେ ଏକ ବୈଠକ ହୋଇଥିଲା। ବୈଠକରେ ସଂଘ ଜିଲା ସଭାପତି ସରୋଜ ଦାଶ, ସମ୍ପାଦକ ଆନନ୍ଦ ରଥ, ଉପସଭାପତି ଗିରିଧର ଖରା ପ୍ରମୁଖ ଉପସ୍ଥିତ ଥିଲେ।

## ମହମ୍ମଦ ବାଜୀଙ୍କ ଶ୍ରାଦ୍ଧ ଦିବସ



ମହମ୍ମଦ ବାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୨୭।୬(ବି.ପ୍ର.)

ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସର୍ବୋଦୟ ନେତା, ଭୁଦାନ ଆନ୍ଦୋଳନର ପୁରୋଧା, ତଥା ନବରଙ୍ଗପୁରର ସୁଯୋଗ୍ୟ ସନ୍ତାନ ମହମ୍ମଦ ବାଜିଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ସୋମବାର ପାଳନ କରାଯାଇଛି। ଏହି ଅବସରରେ ନବରଙ୍ଗପୁରଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାସିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ପୌର ପାଳିକାଅଧ୍ୟକ୍ଷ ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। କବି, ଲେଖକ ବିଜୟ ଚୌଧୁରୀ, ସମାଜିକ କର୍ମୀ ନିନିବାବୁ, ଦାଶରଥି ପଟ୍ଟନାୟକ ଏବଂ ମହମ୍ମଦ ବାଜୀଙ୍କ ନାତି ତଥା ସମାଜିକ କର୍ମୀ ସଂଗ୍ରାମୀ ନେତା ସିରାଜ ଅହମ୍ମଦ ଉପସ୍ଥିତ ରହି ସ୍ୱର୍ଗତ ବାଜୀଙ୍କ ସୃତି ଚାରଣ କରିଥିଲେ।

# ପଟ୍ଟା ଥିବା ଜଙ୍ଗଲ ଜମିରେ ଗଛ ଲଗାକୁ ବିରୋଧ

ବୈପାରୀଗୁଡା, ୨୭।୬(ଡି.ଏନ୍.ଏ.)

୨୦୦୬ ଜଙ୍ଗଲ ଜମି ଆଇନ ଅନୁସାରେ ଜଙ୍ଗଲ ଜମିରେ ଦୀର୍ଘଦିନ ବସବାସ କରୁଥିବା ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିଛି। ଏଥିରେ ଜିଲାପାଳ ଓ ଡିଏଫ୍‌ଓଙ୍କ ଦସ୍ତଖତ ଓ ମୋହର ରହିଛି। ତେବେ ବୈପାରୀଗୁଡା ବ୍ଲକ ଅଧୀନ କୋଲାର ପଞ୍ଚାୟତର ଚପଡିଆଗୁଡା, କସମଗୁଡା, ପରଜା ଅଚ୍ଚାଲ,ଭାଲୁଗୁଡା,କଟ୍‌ନିପାଲ୍ଲି ଆଦି ଗ୍ରାମରେ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିବା ସତ୍ତ୍ୱେ ଜଙ୍ଗଲ ଜମିରେ ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ଏହାକୁ ବିରୋଧ କରି ସମ୍ପୃକ୍ତ



ଗ୍ରାମାବାସୀ ଦାବିପତ୍ର ଦେଉଛନ୍ତି।

ଗ୍ରାମବାସୀ ସୋମବାର ବୈପାରୀଗୁଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ସ୍ମାରକ ପତ୍ର ଦେଇଛନ୍ତି। ଏହି ଗଛ ଲଗା ତୁରନ୍ତ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ପୁନଶ୍ଚ ଅନ୍ୟ ଯେଉଁ ସ୍ଥାନରେ ବନୀକରଣ କରାଯାଉଛି କେବଳ ଫଳଗଛ ଲଗାଇବାକୁ ସେମାନେ ଦାବି କରିଛନ୍ତି।ଏହାଦ୍ୱାରା ସ୍ଥାନୀୟ ଆଦିବାସୀଙ୍କ ରୋଜଗାର ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଇନ୍ଦ୍ରାବତୀରେ ବୁଡ଼ି ଯୁବକ ମୃତ

ନବରଙ୍ଗପୁର, ୨୭।୬ (ବି.ପ୍ର.)

ନବରଙ୍ଗପୁର ସହର ନିକଟ ଦେଦେଶପାଲ୍ଲୀ ଗ୍ରାମ ଦେଇ ଯାଇଥିବା ଇନ୍ଦ୍ରାବତୀ ନଦୀ ଘାଟରେ ବୁଡି ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ସହରର ଇଚ୍ଛାବତୀଗୁଡ଼ାର ପିତାମ୍ବର ବୈରାଗୀଙ୍କ ପୁଅ ପ୍ରଶାନ୍ତ (୨୨)। ସୂଚନାନୁଯାୟୀ, ପ୍ରଶାନ୍ତ ସାଙ୍ଗମାନଙ୍କ ସହ ଦ୍ୱିପ୍ରହରରେ ଗାଧୋଇବା ପାଇଁ ଇନ୍ଦ୍ରାବତୀ ନଦୀ ଘାଟକୁ ଯାଇଥିଲେ। ସେମାନେ ଗାଧୋଇବା ସମୟରେ ପ୍ରଶାନ୍ତ ପାଣିରେ ବୁଡିଯାଇଥିଲେ। ଏହାପରେ ଅନ୍ୟ ସାଙ୍ଗମାନେ ବହୁତ ଖୋଜାଖୋଜି କରିବା ପରେ ନ ପାଇବାରୁ ଶେଷରେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଖବରପାଇ ନବରଙ୍ଗପୁର ଅଗ୍ନିଶମ ବାହିନୀ ଓ ପୋଲିସ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ। ସନ୍ଧ୍ୟା ସମୟରେ ମୃତଦେହ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୋଲିସ ଘଟଣାସ୍ଥଳରେ ଅଧିକ ତଦନ୍ତ ଜାରି ରଖିଛି।

## ଜୁଆ ଆଡ୍ଡା ଉପରେ ଚଢାଉ, ୩ ଗିରଫ

ଜୟପୁର, ୨୭।୬ (ନି.ପ୍ର.)

ଜୁଆ ଖେଳ ଚାଲୁଥିବାବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି। ସଦର ଥାନା ଅନ୍ତର୍ଗତ ବାରିଣିପୁଟ ପରଜା ସାହିରେ ଖେଳ ଚାଲୁ ଥିବାବେଳେ ଚଢାଉ କରାଯାଇଛି। ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରାଯାଇଛି। ପୋଲିସକୁ ଦେଖି ୨ଜଣ ଖସି ପଳାଇଥିଲେ। ଗିରଫ ଅଭିଯୁକ୍ତଙ୍କଠାରୁ ୪ ହଜାର ୬ ଶହ ଟଙ୍କା ୩ ବାଇକ ଜବତ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# କୋରାପୁଟର ସ୍ୱଧିତି ସୁଲଗ୍ନା, ଶୀତିଲଗ୍ନା ଶ୍ରେଷ୍ଠ ଅଭିନେତ୍ରୀ

**ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ**

କୋରାପୁଟ,୨୭।୬(ସ୍ୱ.ପ୍ର.)

ଓଡିଶା ସରକାରଙ୍କ ରାଜ୍ୟ ପରିବହନ ଆୟୋଗଙ୍କ ଦ୍ୱାରା ଆୟୋଜିତ ଜାତୀୟ ସଡକ ସୁରକ୍ଷା କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ୨୦୨୨ରେ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଦୁଇ ଛାତ୍ରୀ ସ୍ୱଧିତି ସୁଲଗ୍ନା ଓ ଶୀତିଲଗ୍ନା ଶ୍ରେଷ୍ଠ ଅଭିନେତ୍ରୀଭାବେ ଅଣଓଡିଆ ବିଭାଗରେ ସମ୍ମାନିତ ହୋଇଛନ୍ତି। ସଡକ ସୁରକ୍ଷାକୁ ନେଇ ଆୟୋଜିତ ଏହି ମହୋତ୍ସବରେ ୮ଟି ରାଜ୍ୟର ୬ ଟି ଭାଷାରେ ମୋଟ ୨୩୦ଟି ଚଳଚ୍ଚିତ୍ର ସାମିଲ ହୋଇଥିଲା। ଅଣଓଡିଆ ବିଭାଗରେ ଶ୍ରେଷ୍ଟ ୪୨ଟି ଚଳଚ୍ଚିତ୍ର ମଧ୍ୟରେ ସ୍ଥାନ ପାଇଥିବା ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ଓ ନିର୍ଦ୍ଦେଶନା ଶିକ୍ଷକ ତରୁଣ କୁମାର ଦାସ ଦେଇଥିଲେ। ଚିତ୍ରତୋଳନରେ ଥିଲେ ଦ୍ୱାଦଶ ଶ୍ରେଣୀର ଛାତ୍ର ଆୟୁଷ ଦାଶ। ଅନ୍ୟ ଭାଷାରେ ଶ୍ରେଷ୍ଠ କଣ୍ଠସ୍ୱର ପାଇଁ ସ୍ୱଧିତିଙ୍କ ସ୍ୱରକୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ପ୍ରଶଂସା କରାଯିବା ସହ ମହୋତ୍ସବର ବିଜ୍ଞାପନର ନେପଥ୍ୟରେ ତାଙ୍କ ସ୍ୱରକୁ ବ୍ୟବହାର କରାଯାଇଛି। ପୁରସ୍କାର ବାବଦକୁ ସ୍ୱଧିତି ଓ ଶୀତିଲଗ୍ନାଙ୍କୁ ୨୫ହଜାର ଟଙ୍କା ଲେଖାଏଁ, ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିବା ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ୨୪ ଓ ୨୫ ଦୁଇ ଦିନ ଧରି ପୁରୀରେ ଆୟୋଜିତ ଏହି ମହୋତ୍ସବରେ ଅତିଥିଭାବେ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ମୁରଲୀଧରନ, ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ , ରାଜ୍ୟ ପରିବହନ କମିଶନର ଅରୁଣ ବୋଥ୍ରା ଅତିଥିଭାବରେ ଯୋଗଦେଇଥିଲେ। ଅଭିନେତା ସିଦ୍ଧାନ୍ତ ମହାପାତ୍ର, କୁନା ତ୍ରିପାଠୀ, ସବ୍ୟସାଚୀ ମିଶ୍ର, ବର୍ଷା ପ୍ରୀୟଦର୍ଶିନୀ, ଧରିତ୍ରୀ ପଟ୍ଟନାୟକ, ସୃତି ମହାପାତ୍ର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଚଳଚ୍ଚିତ୍ର ସଡକରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେଇଥିବା ବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ବିଶ୍ୱାଳଙ୍କୁ କାର୍ଯ୍ୟକ୍ରମରେ ଉଚ୍ଚ ପ୍ରଶଂସା କରାଯାଇଥିଲା।



ସ୍ୱଧିତି ସୁଲଗ୍ନା, ଶୀତିଲଗ୍ନା ପୁରସ୍କାର ଗ୍ରହଣ କରୁଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଦୈନିକ କୃଷକ ବଜାର

ନବରଙ୍ଗପୁର,୨୭।୬(ବି.ପ୍ର.)

ଉଦେଶ୍ୟ ଥିଲା ଗ୍ରାମାଞ୍ଚଳର ଚାଷୀମାନେ ନିଜ ନିଜ ଅମଳକୁ ଧରି ଏକ ସୁନ୍ଦର ପରିବେଶରେ ବସି ବ୍ୟବସାୟ କରିବେ। ଏଥି ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ତିଆରି ହେଲା ଏକ ବିଶାଳ କୃଷକ ବଜାର। ଗୋଟିଏ ଛାତ ତଳେ ଆରମ୍ଭ ହେଲା ପନିପରିବା ସହ ରାସନ ସାମଗ୍ରୀ ବିକ୍ରୀ। ସହରର ପ୍ରତ୍ୟେକ ରୋଷେଇଶାଳ ଏଇ କୃଷକ ବଜାର ଉପରେ ନିର୍ଭରଶୀଳ। ପ୍ରତିଦିନ ବିଭିନ୍ନ ଗ୍ରାମାଞ୍ଚଳରୁ ଶହ ଶହ ପରିବା ଚାଷୀ ଆସି ମନ ଖୁସିରେ ଆସି ବେପାର କଲେ। ହେଲେ ଦୁର୍ଭାଗ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଏହି କୃଷକ ବଜାରଟି ଚାଲିଛି ଅସ୍ୱାସ୍ଥ୍ୟକର ଦୁର୍ଗନ୍ଧମୟ ପରିବେଶ ଭିତରେ।

ବଜାର ଭିତରେ ଡ୍ରେନେଜ ସୁବିଧା ନାହିଁ। ଯେଉଁ ନାଳ ଗୁଡିକ ଅଛି ତାହାକୁ ନିୟମିତ ଭାବରେ ସଫା ନ କରାଯିବାରୁ ପୋତି ହେଗଲାଣି। ନାଳ ପୋତି ହେଇଯିବାରୁ ଅପରିଷ୍କାର ପାଣି ଲହଡି ଭାଙ୍ଗୁଛି ବଜାର ଭିତରେ। ଏଭଳି ଅପରିଷ୍କାର ପାଣିରେ ବି ବସି ନିଜ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି ବ୍ୟବସାୟୀ। ମାସ ମାସ ଧରି ଅଳିଆ ଆବର୍ଜନା ସଫା କରାଯାଉ ନ ଥିବାରୁ କୁଢ଼ କୁଢ଼ ମଇଳା ଗଦା ହୋଇରହୁଛି। ଦୁର୍ଗନ୍ଧରେ ବି ପେଟ ଚାଖଣ୍ଡକ ପାଇଁ ବ୍ୟବସାୟ କରୁଛନ୍ତି ବେପାରୀ। ଏତେ ଅପରିଷ୍କାର ପରିବେଶରେ ଗ୍ରାହକମାନେ



ବଜାରରେ ଜମି ରହିଥିବା ନାଳପାଣି ଓ ଆବର୍ଜନା ।

ଆସିବାକୁ ନାପସନ୍ଦ କରୁଛନ୍ତି। ବେପାର ନିଜ ଜିନିଷ ଫେରାଇ ନେବାକୁ ବେଳେବେଳେ ବାଧ ହେଉଛନ୍ତି। ସଜ ପନିପରିବା ଆଣି ବିକ୍ରି ନ ହେଲେ ଅନେକ ସମୟ ରେ ଫୋପାଡ଼ି ଦେଇ କ୍ଷତି ମଧ ସହୁଛନ୍ତି। ଯୁଆଡେ ଦେଖିଲେ କାଦୁଅ, ପାଣି ଜମି ମଶା ମାଛି ଭଣଭଣ ହେଲେଣି। ଏ ଭଳି ପରିବେଶରେ ସ୍ୱାସ୍ଥ୍ୟ ମଧ ଖରାପ ହେଉଛି ବୋଲି ଅଭିଯୋଗ କରିଛନ୍ତି ବ୍ୟବସାୟୀ । ଏଥିସହ ଅନ୍ୟ ସମସ୍ୟା ମଧ ରହିଛି। ଅଞ୍ଚଳରୁ ଶହ ଶହ ବ୍ୟବସାୟୀ ଗ୍ରାହକ ଏହି ବଜାର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏହି

- ବଜାରରେ ଲହଡ଼ି ଭାଙ୍ଗୁଛି ନାଳ ପାଣି
- ଶୌଚାଳୟ, ପାଣି ବ୍ୟବସ୍ଥା ନାହିଁ
- ୭ଦିନରେ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ପୌରାଧକ୍ଷ

ବଜାରରେ ପିଇବା ପାଣିର ବ୍ୟବସ୍ଥା କିମ୍ବା ଶୌଚାଳୟ ଟିଏ ମଧ ନାହିଁ। ସକାଳୁ ପନିପରିବା ଆଣି ଦିନ ତମାମ ବେପାର କରି ରାତିରେ ଘରକୁ ଫେରନ୍ତି ମହିଳା ଏବଂ ପୁରୁଷ ବେପାରୀ। ଶୌଚାଳୟଟିଏ ନଥିବାରୁ ମହିଳାମାନେ ବହୁ ଅସୁବିଧାରେ ପଡୁଛନ୍ତି। ଏଠାରେ ଥିବା ଅନେକ ଲାଇଟ୍ ଜଳୁନାହିଁ। ବ୍ୟବସାୟୀମାନେ ନିଜ ନିଜ ପଇସାରେ ବଲବ ମଧ ଲଗାଉଛନ୍ତି। ବହୁବାର ବ୍ୟବସାୟୀମାନେ ପୌରପାଳିକାକୁ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ କିଛି ବି ସୁଫଳ ମିଳି ପାରୁ ନାହିଁ। ଏ ନେଇ ପୌରାଧ୍ୟକ୍ଷ କୁନୁ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସାତ ଦିନ ମଧ୍ୟରେ ଏ ସମସ୍ତ ସମସ୍ୟାର ସମାଧନ ହେଇଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ବ୍ରିଗେଡିୟର ବିଘ୍ନେଶ ମହାନ୍ତିଙ୍କ କୋରାପୁଟ ଗସ୍ତ



କୋରାପୁଟ,୨୭।୬(ସ୍ୱ.ପ୍ର.)- ଓଡିଶା ଓ ଛତିଶଗଡ ସବ ଏରିଆର କମାଣ୍ଡାର ବ୍ରିଗେଡିୟର ବିଘ୍ନେଶ ମହାନ୍ତି ସୋମବାର କୋରାପୁଟ ଗସ୍ତ କରିଥିଲେ। ବ୍ରିଗେଡିୟର ପ୍ରଥମେ କୋରାପୁଟ ସହରର ପୁଜାରିପୁଟସ୍ଥିତ ଇସିଏଚଏସ୍ ପଲିକ୍ଲିନିକ ଯାଇ ପୁର୍ବତନ ସର୍ଭିସମ୍ୟାନ ତଥା ଭେଟରାନମାନଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ପରେ କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ତରଫରୁ ଏକ ଏକର ଜମି ଚିହ୍ନଟ କରାଯାଇଛି। ଜମି ମିଳିଲେ ଜିଲା ସୈନିକ ବୋର୍ଡ କ୍ୟାଣ୍ଟିନ ଗୃହ ନିର୍ମାଣ କରାଯିବ। ଯାହାଦ୍ୱାରା ଅଞ୍ଚଳବାସୀ ସୁବିଧା ପାଇ ପାରିବେ ବୋଲି ସେ ପ୍ରକାଶ କରିଥିଲେ। ବ୍ରିଗେଡିୟର ପରେ ସୁନାବେଡା ହାଲ ଯାଇ ସେଠାରେ ହାଲ ଜେନରାଲ ମ୍ୟାନେଜରଙ୍କ ସମେତ ବିଭିନ୍ନ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଜଗଦଲପୁର ଫେରିଥିବା ଜଣାଯାଇଛି।

### ମାଲକାନଗିରିରେ ଶାନ୍ତିଶୃଙ୍ଖଳାରେ ସରିଲା ଲ୍ୟାମ୍ପ୍ସ ନିର୍ବାଚନ

ମାଲକାନଗିରି,୨୭।୬(ଡି.ଏନ.ଏ.)- ମାଥିଲି ଓ ମାଲକାନଗିରି ଦୁଇଟି ସମବାୟ ସମିତି(ଲ୍ୟାମ୍ପ୍ସ) ପାଇଁ ସଭ୍ୟାସଭ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମାଥିଲିର ୧୨ଟି ଓ ମାଲକାନଗିରିର ୧୫ଟିରୁ ୧୨ଟି ଜୋନ୍ ପାଇଁ ଚାଷୀ ଭୋଟ ଦେଇଛନ୍ତି। ଦୁଇ ଲ୍ୟାମ୍ପ୍ସରେ ମତଦାନ ହାର ୬୫.୦୮ ପ୍ରତିଶତ ହୋଇଛି। ମାଥିଲିଓ ମାଲକାନଗିରି ସଭ୍ୟ ନିର୍ବାଚନରେ ଭୋଟ ଦେବାକୁ ମୋଟ ୯୭୧ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୬୩୨ ଜଣ ଭୋଟଦେଇଛନ୍ତି। ମାଥିଲି ଲ୍ୟାମ୍ପ୍ସର ୧୨ଟି ଜୋନ୍ ପାଇଁ ୨ଟି ବୁଥ୍ କରାଯାଇଥିଲା। ଦୁଇ ବୁଥ୍‌ରେ ମତଦାନ ୬୪.୫୮ ପ୍ରତିଶତ ହୋଇଥିଲା। ପୂର୍ବରୁ କାଲିମେଳା, ଶିଖପାଲ୍ଲୀ, କୁଡୁମୁଲୁଗୁମ୍ମା ଓ ପଡ଼ିଆ ଲ୍ୟାମ୍ପ୍ସ ସଭାପତି ପଦ ପାଇଁ ନିର୍ବାଚନ ହୋଇଥିବାବେଳେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା ମଧ କରାଯାଇଛି। ସେମାନେ ହେଲେ କୁଡୁମୁଲୁଗୁମ୍ମା ପାଇଁ ଗୋପୀ ପାଙ୍ଗି, ପଡ଼ିଆ ପାଇଁ ମାଡକାମୀ ପଦିଆ, ଶିଖପାଲ୍ଲୀ ପାଇଁ ଅରକ୍ଷିତ ନାୟକ ଓ କାଲିମେଳା ଲ୍ୟାମ୍ପ୍ସ ପାଇଁ ବୁଦ୍ରା କବାସୀ।

### ଚର୍ଚ୍ଚରେ ଚାରାରୋପଣ

ଉମରକୋଟ, ୨୭।୬(ସ୍ୱ.ପ୍ର.)-ଉମରକୋଟ ବ୍ଲକ ଅଧୀନ ତାଲା ପଦର ଚର୍ଚ୍ଚ ପରିସରରେ ଭାଜପା ସଂଖ୍ୟା ଲଘୁ ମୋର୍ଚ୍ଚା ପକ୍ଷରୁ ଚାରା ରୋପଣ ଏବଂ ସଚେତନତା ସଭା। କରାଯାଇଛି। ଏହି ସଭାରେ ମୁଖ୍ୟ ଅଥିତି ଭାବେ ଭାଜପା ସଂଖ୍ୟା ଲଘୁ ସେଲ୍ ରାଜ୍ୟ ଉପସଭାପତି କାଜାମ ମାଦାନି ଯୋଗ ଦେଇ ଚାରା ଲଗାଇବା ପାଇଁ ସଚେତନ କରିଥିଲେ। ପରିଶେଷରେ ଚର୍ଚ୍ଚ ପରିସର ମଧରେ ୧୨୦ଟି ଚାରା ରୋପଣ କରାଯାଇଛି। ଆଗାମୀ ଦିନରେ ୧ହଜାର ଚାରା ରୋପଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି। ଭାଜପା ନେତା ତଥା ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ସାହୁ, ତାଲା ପଦର ଚର୍ଚ୍ଚ ମୁଖ୍ୟ ଲାଲ ସେନ ବିର, ପବିତ୍ର ଗରଡା, ସମିତି ସଭ୍ୟ ବିକ୍ରମ ସିଂ, ଆଷୁତୋଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁଗୃହରେ ପିଲାଙ୍କୁ ଭବିଷ୍ୟତ ଗଠନର ଉପଦେଶ ଦେଲେ ଏସ୍‌ପି

ମାଲକାନଗିରି,୨୭।୬(ଡି.ଏନ.ଏ.)



ମାଲକାନଗିରି ଏସ୍‌ପିଙ୍କ ସହ ଶିଶୁଗୃହର ଅନ୍ତେବାସୀ।

ମାଲକାନଗିରି ଏସ୍‌ପି ନିତେଶ ୱାଧୱାନି ସୋମବାର ଜିଲା ସଦର ସ୍ଥିତ ଶିଶୁଗୃହ ଗସ୍ତକରି ପିଲାଙ୍କ ସହ ସମୟ ବିତାଇଛନ୍ତି। ପରିବର୍ତ୍ତନ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁଗୃହକୁ ଏସ୍‌ପି ଅଚାନକ ଗସ୍ତକରି ଗୃହରେ ରହୁଥିବା ପିଲାଙ୍କ ସହ ସାକ୍ଷାତ କରିଥିଲେ। ଏହିଗୃହରେ ୫୦ରୁ ଊର୍ଦ୍ଧ୍ୱ ଅନାଥ ଓ କେବଳ ମା' କିମ୍ବା କେବଳ ବାପା ଥିବା ପିଲାମାନେ ରହୁଛନ୍ତି। ଏସ୍‌ପି ସେମାନଙ୍କ ନିକଟରେ ପହଞ୍ଚି ଭାବ ବିନିମୟ କରିବା ସହ ଜୀବନରେ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲେ। ଏଥିରେ ପିଲାମାନେ ଖୁସି ବ୍ୟକ୍ତ କରିଥିଲେ। ଭବିଷ୍ୟତରେ ଭଲରାସ୍ତା କିପରି ବାଛିବେ, ଶିକ୍ଷା ଗ୍ରହଣ କରି ଭଲ ମଣିଷଟିଏ ହେବେ ସେଦିଗରେ ପିଲାଙ୍କୁ ବିଭିନ୍ନ ଉପଦେଶ ଦେବାସହ ଶିକ୍ଷା ଉପକରଣ ଓ ଖେଳ ସାମଗ୍ରୀ ପ୍ରଦାନ କରିଥିଲେ। ଏହାପରେ ସେ ଅନୁଷ୍ଠାନର ପରିଚାଳକ ନିତ୍ୟାନନ୍ଦ ପ୍ରଧାନଙ୍କ ସହ ପିଲାଙ୍କ ରହିବା, ଖାଇବା ଓ ଶିକ୍ଷା ଆଦି ଦିଗରେ ଆଲୋଚନା କରି ପିଲାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଏସ୍‌ପି ପ୍ରତ୍ୟେକ ପିଲାଙ୍କୁ ବର୍ଷାରୁ ରକ୍ଷା ପାଇବା ପାଇଁ ଛତା ପ୍ରଦାନ କରିଥିଲେ।

# ଚିତ୍ରକୋଣ୍ଡା ବ୍ଲକରେ ୨୬ ଅଭିଯୋଗର ଜନଶୁଣାଣି

ଚିତ୍ରକୋଣ୍ଡା, ୨୭।୬(ଡି.ଏନ୍.ଏ.)



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ମାଲକାନଗିରି ଡିଆରଡିଏ ପିଡି ତଥା ମାଲକାନଗିରି ଜିଲା ଭାରପ୍ରାପ୍ତ ଜିଲାପାଳ ବାଳମୁକୁନ୍ଦ ଭୁଁୟାଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରୀ, ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଆଇଟିଡିଏ ପିଏ ତ୍ରିନାଥ ମାଝି, ଏସ୍‌ଏସ୍‌ସିଓ ପଦ୍ମ ରଞ୍ଜନ ଦାସ, ଡିଡବ୍ଲୁଓ କୃପାସିନ୍ଧୁ ବେହେରା, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ଆରଡବ୍ଲ୍ୟୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ରାଉତ, ଏସ୍‌ଡିଓ ମନୋଜ କୁମାର ନାୟକ, ଡିଏସ୍‌ଡବ୍ଲୁଓ, ଡିଏସ୍‌ଏସ୍‌ଓ, ବିଦ୍ୟୁତ୍ ତଥା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଏବଂ ସମସ୍ତ ଜିଲାସ୍ତରୀୟ ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରୁ ୨୬ ଅଭିଯୋଗ ଆଗତ ହୋଇଥିଲା। ଡିଆରଡିଏ ପିଡି ତଥା ମାଲକାନଗିରି ଜିଲା ଭାରପ୍ରାପ୍ତ ଜିଲାପାଳ ବାଳମୁକୁନ୍ଦ ଭୁଁୟା ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୁଖ୍ୟତଃ ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା, ଭତ୍ତା, ରାସ୍ତା ଘାଟ ଆଦି ସମସ୍ୟା ରହିଥିଲା। ଚିତ୍ରକୋଣ୍ଡା ଅଞ୍ଚଳର ବଜାର କଲୋନୀରେ ଆଲୋକୀକରଣ, ଚିତ୍ରକୋଣ୍ଡା ପଞ୍ଚାୟତକୁ ଦୁଇଟି ବ୍ୟାଟେରୀ ଚାଳିତ ଅଳିଆ ବୁହା ଗାଡ଼ି ପ୍ରଦାନ ନିମନ୍ତେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# 'ଲୋକଙ୍କ ସହ ଯୋଡ଼ି ହୋଇ ତାଙ୍କ ପାଇଁ କାମ କର'



ବୈଠକରେ ଉପସ୍ଥିତ ବିଜେଡି ନେତାମାନେ।

ଜୟପୁର, ୨୭।୬ (ନି.ପ୍ର.)

**କୋରାପୁଟରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ**

କୋରାପୁଟ ଜିଲା ଗସ୍ତରେ ବିଜୁ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆସି ଜୟପୁର ଟାଉନ ହଲ ପହଞ୍ଚି ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ପ୍ରଥମେ ଦଳୀୟ କର୍ମକର୍ତ୍ତା ଓ ଜୋନ କୋଅର୍ଡିନେଟର, ନବନିର୍ବାଚିତ ଲୋକପ୍ରତିନିଧିମାନେ ତାଙ୍କ ସ୍ୱାଗତ କରିଥିଲେ। ଆଜିର ଏହି ସମୀକ୍ଷା ବୈଠକରେ ନବନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ସାଧୁବାଦ ଦେବା ସହ ଦଳୀୟ କର୍ମୀଙ୍କୁ ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥିଲେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ। ଲୋକଙ୍କ ସହ ଯୋଡି ହୋଇ ରହବା ସହ ସେମାନଙ୍କ ପାଇଁ କାମ କରିବା ଲାଗି ଉପଦେଶ ଦେଇଥିଲେ। ଆଜିର ଏହି ସମୀକ୍ଷା ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ପୌର ପରିଷଦ ଉପାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ, କୁନି ଅଧିକାରୀ, ଜୟପୁର ପୌର ପରିଷଦ ଉପାଧ୍ୟକ୍ଷ ବି ସୁନିତା ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ରାଇଘର ସମବାୟ ସମିତି ନିର୍ବାଚନ

ରାଇଘର, ୨୭।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ସମବାୟ ସମିତିରେ ଆଜି ୧୫ଜଣ ସଭ୍ୟ ସଭ୍ୟା ନିମନ୍ତେ ଭୋଟ ଗ୍ରହଣ କରାଯାଇଛି।୧୫ ଜଣ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୨ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୩ ଜଣ ସଭ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ଜୋନ୍-୧ରେ ରଘୁନାଥ ଗଣ୍ଡ, ୨ରେ ହରେନ୍ଦ୍ର ସିଂ ସିଙ୍ଘର , ୩ରେ ସୁଶୀଲ କୁମାର ବର୍ମନ, ୫ରେ ଚନ୍ଦନ ସିଂ ଗଣ୍ଡ, ୬ରେ ଫୁଲସିଂ ଗଣ୍ଡ, ୭ରେ ମାଳତୁ ଗଣ୍ଡ, ୮ରେ ଚିତ୍ତରଞ୍ଜନ ଗଣ୍ଡ , ୯ରେ ରାମବିଲାସ୍ ଗଣ୍ଡ, ୧୦ରେ ବିଗମ୍ବାଇ ଗଣ୍ଡ , ୧୧ରେ ପ୍ରଦୀପ କୁମାର ବାଲା, ୧୨ରେ ଦେବେନ୍ଦ୍ର ନାଥ ମିଶ୍ର ଓ ୧୪ ନମ୍ବର ଜୋନରେ ନିଳାବତୀ ହନ୍ତାଳ ବିଜୟ ଲାଭ କରିଛନ୍ତି। ଏଥିସହିତ ୪ ନମ୍ବର ଜୋନରେ ପରମେଶ୍ୱର ଶ୍ରୀବାସ୍ତବ , ୧୩ ନମ୍ବର ଜୋନରେ ରାଇସିଂ ଗଣ୍ଡ ଓ ୧୫ ନମ୍ବର ଜୋନରେ ବିନ୍ଦବାଈ ଗଣ୍ଡ ଅପ୍ରତିଦ୍ୱଂଦ୍ୱୀ ଭାବେ ବିଜୟ ଲାଭ କରିଥିଲେ।

## ନାବାଳିକା ବଳାତ୍କାରୀଙ୍କୁ ୧୬ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୭।୬ (ନି.ପ୍ର.)

ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁଣାଣି ହୋଇଛି। ଜୟପୁରସ୍ଥିତ ଫାଷ୍ଟଟ୍ରାକ ସ୍ପେସିଆଲ କୋର୍ଟର ଆଡହକ ଅତିରିକ୍ତ ଜିଲା ଦୈରାଜଜ୍ ପ୍ରଦୀପ କୁମାର ସାସମଲ ରାୟର ଶୁଣାଣୀ କରିଛନ୍ତି । ମାଛକୁଣ୍ଡ ଅଞ୍ଚଳର ଅଭିଯୁକ୍ତ ସନ୍ତୋଷ କୁମାର ବେହେରାଙ୍କୁ ୧୬ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଆର୍ଥିକ ଜରିମାନା କରାଯାଇଛି। ଜରିମାନା ଆନାଦାୟ ହେଲେ ଅଧିକା ୯ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ ପାଇଛି। ଜୋରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୬ରେ ମାଛକୁଣ୍ଡ ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଅଭିଯୁକ୍ତ ସନ୍ତୋଷ କୁମାର ବେହେରା ବଳାତ୍କାର କରିଥିବା ଅଭିଯୋଗ ଥିଲା। ଅଭିଯୁକ୍ତ ସନ୍ତୋଷ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଦୀର୍ଘ ଦେଢ ବର୍ଷ ହେବ ବଳାତ୍କାର କରୁଥିଲେ ପରେ ନାବାଳିକା ବାହା ହେବାକୁ କହିବାରୁ ଅଭିଯୁକ୍ତ ସନ୍ତୋଷ ଏହି କଥା କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ୨୦୧୬ ଜାନୁୟାରୀ ୬ରେ ପୀଡିତାଙ୍କ ମା' ଘଟଣା ସମ୍ପର୍କରେ ଜାଣିବା ପରେ ପୀଡିତାଙ୍କୁ ଥାନାରେ ଜଣାଇବାକୁ କହିଥିଲେ। ପୀଡିତା ୧୦ ଜାନୁୟାରୀ ୨୦୧୬ରେ ମାଛକୁଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ୧୩ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗାୟତ୍ରୀ ଦେବୀପରିଚାଳନା କରିଥିଲେ ।

# ରଥଯାତ୍ରା ସମୟରେ ଅଶ୍ଳୀଳ ଗୀତ ବନ୍ଦ ଦାବି

ଜୟପୁର, ୨୭।୬ (ନି.ପ୍ର.)




ଅଞ୍ଚଳବାସୀ ଦାବିପତ୍ର ଦେଉଛନ୍ତି ।

ଜୟପୁର ରଥଯାତ୍ରା ସମୟରେ ରଥରେ ଅଶ୍ଳୀଳ ଗୀତ ବନ୍ଦ କରିବାକୁ ଦାବି ହୋଇଛି । ଜୟପୁରବାସୀ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ରଥଯାତ୍ରା ପ୍ରାୟ ୬ ଶହ ବର୍ଷ ଧରି ଚାଲିଛି। ପୂର୍ବେ ଏହା ସୁନ୍ଦର ଭାବେ ପରମ୍ପରା ଅନୁଯାଇ ଚାଲି ଆସୁଥିଲା। କିନ୍ତୁ କିଛି ବର୍ଷ ହେବ ଏହି ଯାତ୍ରା ବେଳେ ଅଶ୍ଳୀଳ ଗୀତ ବୋଲାଯାଉଛି। କୋଠା ଉପରେ ଥିବା ସମସ୍ତ ଶ୍ରଦ୍ଧାଳୁ ଏହା ଶୁଣିବାକୁ ବାଧ ହେଉଛନ୍ତି। ଏହା ସମସ୍ତଙ୍କ ମନକୁ ଆଘାତ ଦେଉଛି। ବିଶେଷ କରି ସାନ ରଥକୁ ମହିଳାମାନେ ଟାଣୁଥିବାରୁ ବେଶୀ ଖରାପ ଲାଗୁଛି। ପୂବରୁ ମଧ ଏହି କାରଣରୁ ରଥ ଉପରେ ମାଡ଼ ମାରାମରି ଘଟଣା ଘଟିଛି। ତେଣୁ ପ୍ରଶାସନ ଅଶ୍ଳୀଳ ଗୀତ ବନ୍ଦ କରିବାକୁ ମୋହନ ମାଝି, ରାମ ମୁଦୁଲି, ସୀମାଞ୍ଚଳ ସାହୁ ପ୍ରମୁଖ ଦାବି କରିଛନ୍ତି।

## ରାଇମୋହନଙ୍କୁ ବାଲୁକାଶିଳ୍ପୀଙ୍କ ଶ୍ରଦ୍ଧାଞ୍ଜଳି

ଗଞ୍ଜାମ,୨୭।୬(ଡି.ଏନ.ଏ.)

ଓଡ଼ିଆ ଚଳଚ୍ଚିତ୍ର ଓ ଯାତ୍ରା ଜଗତର ସୁନାମଧନ୍ୟ ଖଳ ନାୟକ ରାଇମୋହନ ପରିଡାଙ୍କ ଉଦ୍ଦେଶ୍ୟରେ ବାଲୁକାଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସ୍ଥାନୀୟ ଅଞ୍ଚଳର ଉଦିୟମାନ ଯୁବ ବାଲୁକାଶିଳ୍ପୀ ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ବେଳାଭୂମିରେ ବାଲୁକାଶିଳ୍ପୀ ବାଲୁକା କଳା ମାଧମରେ ସ୍ୱର୍ଗତ ରାଇମୋହନଙ୍କ ମୁଖ ମଣ୍ଡଳ ପ୍ରତିକୃତି ନିର୍ମାଣ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଯାହାକୁ ନେଇ ବଟେଶ୍ୱର ବେଳାଭୂମିକୁ ଆସୁଥିବା ଶହ ଶହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ କରାଯାଇଛି। ଉଦିୟମାନ ଯୁବ ବାଲୁକାଶିଳ୍ପୀ ପ୍ରଧାନଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସା କରାଯାଇଛି।

## ୧୨ ଚୋରି ବାଇକ୍ ଜବତ, ଜଣେ ଗିରଫ



ନବରଙ୍ଗପୁର,୨୭।୬(ବି.ପ୍ର.)

ନବରଙ୍ଗପୁର ପୋଲିସ ୧୨ ବାଇକ୍ ଓ ସ୍କୁଟି ଜବତ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତହେଲେ ଜାନକୀ ନଗର ଅଞ୍ଚଳର ତୁଫାନ ସଗରିଆ (୩୨)। ପୋଲିସ ଗତ ଦୁଇ ଦିନ ହେବ ଚୋରି ଘରଣାକୁ ନେଇ ବିଭିନ୍ନ ସ୍ଥାନରେ ତଲାସୀ କରି ଆସୁଥିଲା। ଜାନକୀ ନଗରରେ ଅନେକଗୁଡିଏ ଦାମୀ ବାଇକ୍ ଜଣକ ଘରେ ଥିବା ଜାଣିବାକୁ ପାଇଥିଲା ପୋଲିସ। ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ଦ୍ୱାରା ଏସ୍‌ଆଇ ରାକେଶ ବେହେରା, ଦେବାଶିଷ ସାହୁ ଓ ସବୀର ଅହମ୍ମଦଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଜାନକୀ ନଗରସ୍ଥିତ ତୁଫାନଙ୍କ ଘରେ ଚଢ଼ାଉ କରି ୧୨ ବାଇକ୍ ଜବତ କରିଛନ୍ତି। ଏନେଇ ନବରଙ୍ଗପୁର ଥାନାରେ କେସ ନମ୍ବର ୨୧୯/୨୨ ରୁଜୁ କରାଯାଇଛି। ଏସ୍‌ଆଇ ରାକେଶ ବେହେରା ଅଧିକ ତଦନ୍ତ ଚଳାଇଛନ୍ତି।

# ମୁନିଗୁଡ଼ାରେ ୯୫ ଅଭିଯୋଗ ଶୁଣିଲେ ଜିଲାପାଳ

ମୁନିଗୁଡ଼ା୨୭।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ନୂତନ ଜିଲାପାଳ ସ୍ୱଧା ଦେବ ସିଂ ପ୍ରଥମ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଉପଜିଲାପାଳ ଲୋକନାଥ ଦଳାବେହେରା, ଡିଆରଡିଏ ପିଡି ରବି ନାରାୟଣ ତ୍ରିପାଠୀ, ସିଡିଏମ୍‌ଓ ଲାଲମୋହନ ରାଉତରାୟ, ରେଞ୍ଜର ବାଲାଇବନାନା ଆର୍ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା ଉପସ୍ଥିତ ରହି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଭିଯୋଗ ମାନ ଶୁଣି ତା'ର ସମାଧାନ ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ମୋଟ ୯୫ ଅଭିଯୋଗ ଆଗତ ହୋଇଥିଲା।

ଏଥିରେ ମୁନିଗୁଡା ନୂତନ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ସମସ୍ୟା, ମୁନିଗୁଡ଼ାରେ ଅସ୍ଥାୟୀ ଭାବେ ତହସିଲ ପରିସରରେ ଜେଏମ୍‌ଏଫ୍‌ସି ଅଦାଲତକୁ ତୁରନ୍ତ ଚାଲୁକରିବା, କେନ୍ଦ୍ରୀୟ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିବା, ପାଜିବାଲି ଅଙ୍ଗନୱାଡି ନିଯୁକ୍ତିରେ ଦୁର୍ନୀତି, ବିସ୍ଥାପିତ କ୍ଷୁଦ୍ର ବେପାରୀଙ୍କୁ ଥଇଥାନ ଆଦି ଅଭିଯୋଗ ଥିବା ବେଳେ ବ୍ୟକ୍ତିଗତ ଅଭିଯୋଗରେ ଭୂମିହୀନ, ଘରଡିହ ହିନଙ୍କୁ ଜମି, ଭତ୍ତା, ଆବାସ ଯୋଜନାରେ ଘର, ଭିନ୍ନକ୍ଷମ ଭତ୍ତା, ଚିକିତ୍ସା ଆଦି ପ୍ରମୁଖ ଅଭିଯୋଗ ରହିଥିଲା।

ଜିଲାପାଳ ୪୫ଜଣଙ୍କୁ ମଧୁବାବୁ ପେନସନ ଓ ୭ଜଣଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାର ଭତ୍ତ ପ୍ରଦାନ କରିବା ସହ ମୁନିଖୋଲ ପଞ୍ଚାୟତ ଆମ୍ବଦାନୀ ଗାଁର ୪୮ଜଣ ଓ ମଣ୍ଡାଗାଁର ୧୨ଜଣ ଡଙ୍ଗରିଆ କନ୍ଧ ଜନଜାତି ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ସେହିପରି ଦୁଇ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ଓ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ପରେ ଜିଲାପାଳ ତେଲେଙ୍ଗାପଦର ପଞ୍ଚାୟତର ୫-ଟି ହାଇସ୍କୁଲ, ବୋରିଖାଲ ପୋଖରୀ, କୁମୁଡ଼ାବାଲି ପଞ୍ଚାୟତର ଅମୃତ ସରୋବର, ଧୋବାଗୁଡିରେ ଆରମ୍ଭ ହୋଇଥିବା ଛେଳି, କୁକୁଡ଼ା ଓ ଜୈବିକ ପରିବା ଚାଷ ଏବଂ ମୁନିଖୋଲ ଏସ୍‌ଏସ୍‌ଡି ସ୍କୁଲ ପରିଦର୍ଶନ କରିଥିଲେ। ଶୀଘ୍ର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ ।

# ଇକୋରିଟ୍ରିଟ ପାଇଁ ଜମି ଥାଇ ପୁଣି ଖୋଜୁଛି ବିଭାଗ

ଦାରିଙ୍ଗବାଡ଼ି,୨୭।୬(ଡି.ଏନ.ଏ.)



ପର୍ଯ୍ୟଟକ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଓ ଅନ୍ୟ ଅଧିକାରୀମାନେ ।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିକୁ ସୋମବାର ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଆସି ଇକୋରିଟ୍ରଟ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ଏଠାରେ ଗତ ୨ ବର୍ଷ ଧରି କରାଯାଇଥିବା ଇକୋରିଟିଟ୍ରିଟ ପାଇଁ ଜମି ଦେଖିବା ସହ ବନବିଭାଗ ଅଧୀନରେ ଥିବା ନେଚର ପାର୍କ ଏବଂ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲି ଦେଖିଛନ୍ତି। ଇକୋରିଟ୍ରିଟ୍ ଲାଗି ଜମି ଥାଇ ମଧ ବିଭାଗ ପୁଣି ଜମି ଖୋଜିବା ଚର୍ଚ୍ଚାର ବିଷୟ ହୋଇଛି। କିନ୍ତୁ ଚଳିତ ବର୍ଷ ଇକୋରିଟ୍ରିଟକୁ ଅନ୍ୟତ୍ର କରିବାକୁ ଯୋଜନା ରଖିଥିବା ବେଳେ ତା ପାଇଁ ସ୍ଥାନର ଆବଶ୍ୟକତା ରହିଛି। ସେଥି ପାଇଁ ପର୍ଯ୍ୟଟକଙ୍କୁ ଦାରିଙ୍ଗବାଡ଼ିର ପରିବେଶ ସହ ଭିନ୍ନ ପଏଣ୍ଟ ରହିଥିବା ସ୍ଥାନ ପ୍ରଶାସନ ଖୋଜୁଛି। ଯେଉଁ ସବୁ ସ୍ଥାନରେ ଏହି ଇକୋରିଟ୍ରିଟ କଲେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ହେବ ସେ ସବୁ ସ୍ଥାନକୁ ଅନୁଧାନ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨ ବର୍ଷ ଧରି ପର୍ଯ୍ୟଟନ ବିଭାଗ ନିଜ ଜମିରେ ଇକୋରିଟ୍ରିଟ କରୁଥିବା ବେଳେ ପୁଣି ଚଳିତ ବର୍ଷ ନୂତନ ଜମିରେ ଏହା କରିବାକୁ ଇଚ୍ଛା ପ୍ରକାଶ କରୁଛି। ଏହାକୁ ନେଇ ସ୍ଥାନୀୟ ଲୋକ ଏବଂ ଜନ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗ ନିଜ ଜମିରେ ଏହି ଇକୋରିଟ୍ରିଟ ପ୍ରତିବର୍ଷ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଚେରି ନିର୍ମାଣ କରିବା ସହ ଏହାର ଉନ୍ନତୀକରଣ କରିସାରିଛି। ଏଥି ପାଇଁ ବିଭାଗ ଜବରଦଖଲ ଉଚ୍ଛେଦ କରି ଉକ୍ତ ଜମିରେ ପାଚେରି କରି ସାରିଛି। ହେଲେ ଏବେ ପୁଣି ଖର୍ଚ୍ଚ କରି ଅନ୍ୟତ୍ର ଇକୋରିଟ୍ରିଟ କରିବାକୁ ଯୋଜନା କରୁଛି ବୋଲି ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି। ଏବେ ପର୍ଯ୍ୟଟନ ବିଭାଗ ଯେଉଁ ଅଞ୍ଚଳ ଚିହ୍ନଟ କରୁଛି ସେହି ନିକଟରେ ୨୦୨୦ରେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ ପର୍ଯ୍ୟଟନ ବିଭାଗର ନିଜ ଜମିରେ ଏହା କରାଯାଇଥିଲା। ତେଣୁ ସେଠାରେ ସ୍ଥାୟୀ କଟେଜ କରାଯାଇ ପ୍ରତିବର୍ଷ ଇକୋରିଟ୍ରିଟ କରାଗଲେ ପର୍ଯ୍ୟଟକଙ୍କ ପାଇଁ ଭଲ ହେବ ଏବଂ ପ୍ରତି ବର୍ଷ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ ବୋଲି ବିଧାୟକ ପ୍ରଧାନ କହିଛନ୍ତି। ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ କନ୍ଧମାଳ ଅତିରିକ୍ତ ଜିଲାପାଳ ବସନ୍ତ ସାହୁ, ବାଲିଗୁଡ଼ା ଉପଜିଲାପାଳ ଦୁଖବନ୍ଧୁ ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ମୁଧୁସୂଦନ ବେହେରା, ଜିଲା ପର୍ଯ୍ୟଟନ ଅଧିକାରିଣୀ ଶୁଭଦର୍ଶନୀ ନାୟକ, ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ, ବନାଞ୍ଚଳ ଅଧିକାରୀ ସତିସ ଧାରୁଆ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜ କିଶୋର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

